# ପର୍ଯ୍ୟଟକ ବଢ଼ିଲେ ନିୟମିତ ଚାଲିବ ଗଞ୍ଜାମ ଦର୍ଶନ ବସ

ବ୍ରହ୍ମପୁର ଅଫିସ,୨୫।୨

ଗଞ୍ଜାମ ଜିଲାର ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ ପ୍ରତି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଗତ ଡିସେମ୍ବର ୧୨ରେ ଗଞ୍ଜାମ ଦର୍ଶନ ବସ ସେବା ଆରମ୍ଭ ହୋଇଥିଲା। ୨୮ ସିଟ କ୍ଷମତା ଥିବା ଏହି ବସ୍‌ରେ ସକାଳ ଜଳଖିଆ ଓ ମଧ୍ୟାହ୍ନ ଭୋଜନ ସୁବିଧା ମଧ୍ୟ ରହିଥିଲା। ତେବେ ବସ୍ ଉଦଘାଟନ ପରେ ଆଶାନୁରୁପ ପର୍ଯ୍ୟଟକ ନ ହେବାରୁ ବସ ଚାଲିପାରି ନ ଥିଲା। ପରେ ଡିସେମ୍ବର ୧୬ରେ ବସ ସେବା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ରାମଲିଙ୍ଗେଶ୍ୱର ଉଦ୍ୟାନ ସମ୍ମୁଖରୁ ଶ୍ରଦ୍ଧା ସଞ୍ଜିବନୀ ଆଶ୍ରମର କେତେକ ଅନ୍ତେବାସୀ ପ୍ରଶାସନର ସହଯୋଗରେ ଯାତ୍ରା କରିଥିଲେ। ୨ ସପ୍ତାହ ମଧ୍ୟରେ ମାତ୍ର ୨ଥର ବସ ଯାତାୟତ କରିପାରିଥିଲା। ଦ୍ୱିତୀୟ ଥର ଯାତ୍ରାରେ ୨୨ ପର୍ଯ୍ୟଟକ ଯାତ୍ରା କରିଥିଲେ। ଅନ୍ୟପଟେ ବିଡିଏ ପକ୍ଷରୁ ଧାର୍ଯ୍ୟ ଟିକଟ ଦରକୁ ନେଇ ପର୍ଯ୍ୟଟକ ଗଞ୍ଜାମ ଦର୍ଶନ ବସ୍‌ରୁ ବିମୁଖ ହେଉଥିବା ଦେଖିବାକୁ ମିଳିଥିଲା। ପରେ କୋଭିଡର ୩ୟ ଲହର ପାଇଁ ବସ ସେବା ସଂପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା। କରୋନା ସଂକ୍ରମଣ କମିବା ପରେ ବିଡିଏ ନୂଆ ଆଶା ଓ ଲକ୍ଷ୍ୟ ନେଇ ପୁଣି ଗତ ରବିବାରଠାରୁ ଗଞ୍ଜାମ ଦର୍ଶନ ବସ୍ ଗଡିଛି। ସପ୍ତାହରେ ଶନିବାର ଓ ରବିବାର ୨ ଦିନ ଏହି ବସ୍ ଚାଲିବ ବୋଲି ଧାର୍ଯ୍ୟ କରାଯାଇଛି। ରବିବାର ୧୫ ପର୍ଯ୍ୟଟକ ଗସ୍ତ କରିଥିବା ଜଣାପଡିଛି। ଆଗାମୀ ଦିନରେ ଯଦି ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ସପ୍ତାହକ ୭ ଦିନ ବସ୍ ଚାଲିବ ବୋଲି ବିଡିଏ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଚଳିତ ଥର କେବଳ ବସ ରହଣି ସ୍ଥଳରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ରାମଲିଙ୍ଗେଶ୍ୱର ପାର୍କ ନିକଟରୁ ବସ ଛାଡୁଥିଲା। ବର୍ତ୍ତମାନ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରୁ ବସ ଯାତ୍ରା ଆରମ୍ଭ ହେବ। ପୂର୍ବାହ୍ନ ୭ଟାରେ କଲ୍ୟାଣ ମଣ୍ଡପ ନିକଟରେ ପହଞ୍ଚିବା ପରେ ୭.୩୦ରେ ଯାତ୍ରା ନିମନ୍ତେ ବାହାରିବ। ଏହାପରେ ତାରାତାରିଣୀ ଦର୍ଶନ, ପୁରୁଷୋତ୍ତମପୁର ଡାକ ବଙ୍ଗଳାଠାରେ ଜଳଖିଆ ପରେ ପର୍ଯ୍ୟଟକମାନେ ଜଉଗଡ ବୁଲି ଦେଖିବେ। ଏହାପରେ ନିର୍ମଳ ଝର ଓ ବଟେଶ୍ୱରଠାରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ଅପରାହ୍ନ ୩.୧୫ରେ ତାମ୍ପରା ହ୍ରଦ ପରିଦର୍ଶନ ପରେ ସନ୍ଧ୍ୟାରେ ଗୋପାଳପୁରଠାରେ ଜଳଖିଆ ପରେ ୭.୩୦ରେ ରାମଲିଙ୍ଗେଶ୍ୱର ପାର୍କ ଭ୍ରମଣର ସୁବିଧା ରହିଛି। ତେବେ ନୂଆ ଆଶା ଓ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଗଞ୍ଜାମ ଦର୍ଶନ ବସ ସେବା ଆଗାମୀ ଦିନରେ ପର୍ଯ୍ୟଟନ ସ୍ଥଳୀକୁ ଲୋକାଭିମୁଖୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା କ୍ଷେତ୍ରରେ ସହାୟକ ହେବ ବୋଲି ବିଡିଏ ସଚିବ ସସ୍ମିତ ରାଉତ କହିଛନ୍ତି।



ଗଞ୍ଜାମ ଦର୍ଶନ ବସ।

## ସଂକ୍ଷେପରେ

### ପୌର ନିର୍ବାଚନ ଘୋଷଣାକୁ ବିରୋଧ

ବ୍ରହ୍ମପୁର ଅଫିସ,୨୫।୨:ରାଜ୍ୟ ସରକାର ତରବରିଆ ଭାବେ ପୌର ନିର୍ବାଚନ ତାରିଖ ଘୋଷଣା କରିଥିବାରୁ ବ୍ରହ୍ମପୁର ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି କ୍ଷୋଭ ପ୍ରକାଶ କରିଛି। କମିଟି ପକ୍ଷରୁ କୁହାଯାଇଛି, ପଞ୍ଚାୟତ ନିର୍ବାଚନର ମତଦାନ ପ୍ରକ୍ରିୟା ସରିଥିଲେ ମଧ ଫଳାଫଳ ନ ଆସୁଣୁ ରାଜ୍ୟ ନିର୍ବାଚନ କମିଶନର ପୌର ଭୋଟ ପାଇଁ ତାରିଖ ଘୋଷଣା କରିଛନ୍ତି। ଏହା ଶାସକ ଦଳର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀକୁ ଚକମା ଦେବାଭଳି ପଦକ୍ଷେପ ବୋଲି କମିଟି ପ୍ରକାଶ କରିଛି। ଅନ୍ୟପଟେ ବ୍ରହ୍ମପୁର ମହନଗର ନିଗମରେ ସହରତଳି ଅଞ୍ଚଳକୁ ସାମିଲ କରିବା ନେଇ ଲୋକଙ୍କ ଦାବି ଓ ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ସରକାର ଏ ବାବଦରେ କୌଣସି ପଦକ୍ଷେପ ନେଇନାହାନ୍ତି। ସରକାର ବ୍ରହ୍ମପୁର ସହରତଳି ବାସିନ୍ଦାଙ୍କ ପ୍ରତି ଅବିଚାର କରୁଛନ୍ତି ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି। ସେହିପରି ମେୟର ପଦ ଅସାମ୍ବିଧାନିକ ଭାବେ ମହିଳାଙ୍କ ନିମନ୍ତେ ସଂରକ୍ଷଣ ରଖାଯାଇଥିବା ପ୍ରତିବାଦରେ ମାମଲା ମଧ ହାଇକୋର୍ଟରେ ବିଚାରଧୀନ ରହିଛି। ରାଜ୍ୟର ଅନେକ ପୌରାଞ୍ଚଳର ବିଭିନ୍ନ ନିଷ୍ପତ୍ତି ବିରୋଧରେ କୋର୍ଟରେ ମାମଲା ବିଚାରଧୀନ ରହିଛି। ଏସବୁ ସ୍ଥଳେ ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନର ମାହୋଲକୁ ବ୍ୟବହାର କରି ଫାଇଦା ନେବେ ବୋଲି କମିଟି ଅଭିଯୋଗ କରିଛି। ଅନ୍ୟପଟେ ସହର ତଳି ଅଞ୍ଚଳ ପ୍ରତି ସରକାରଙ୍କ ଅବିଚାର ବିରୋଧରେ ଓ ସହର ତଳି ବାଦ ଦେଇ ସରକାର ମହାନଗର ନିଗମ ନିର୍ବାଚନ ଅନୁଷ୍ଠିତ କରିବାକୁ ବାହାରିଥିବା ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି କ୍ଷୋଭ ପ୍ରକାଶ କରିଛି। ଏଣୁ ପୌର ନିର୍ବାଚନ ନେଇ କମିଟି କେଉଁ ଆଭିମୁଖ୍ୟ ରଖିବ ସେ ନେଇ ଖୁବ ଶୀଘ୍ର ବୈଠକ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ଏସପି ଅଫିସ ଆଗରେ ବିକ୍ଷୋଭ
### ସୁବଲୟା ସମିତିସଭ୍ୟାଙ୍କୁ ଫେରାଇ ଆଣିବା ଦାବି

ଛତ୍ରପୁର,୨୫।୨(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନରେ ନିଦ୍ୱନ୍ଦ୍ୱ ଗଞ୍ଜାମ ବ୍ଲକ ସୁବଲୟା ସମିତିସଭ୍ୟ ପ୍ରାର୍ଥୀ ମାମି ଦାସ ନିଖୋଜ ଘଟଣାକୁ ନେଇ ନେଇ ପଞ୍ଚାୟତବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତାଙ୍କୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ଗଞ୍ଜାମ ବ୍ଲକ ଅଧକ୍ଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ପଞ୍ଚାୟତର ଶତାଧିକ ଲୋକେ ଶୁକ୍ରବାର ଛତ୍ରପୁର ଆସି ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରଛନ୍ତି। ପୂର୍ବରୁ ଏ ନେଇ ରମ୍ଭା ଥାନାରେ ଏତଲା ଦିଆଯାଇଥିଲା। ସମିତିସଭ୍ୟାଙ୍କୁ ଫେରାଇ ଅଣାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । ମାତ୍ର ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ।

### କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨୫।୨(ଡି.ଏନ୍.ଏ.)-ଗୁମ୍ମା ବ୍ଲକ ସଦର ମହକୁମା ଗୁମ୍ମାଠାରେ ଶୁକ୍ରବାର ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ଖେଳ ଆରମ୍ଭ ପୂର୍ବରୁ ବିଧାୟକ ସମସ୍ତ ଖେଳାଳୀଙ୍କ ସହ ପରିଚିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟକୁ ମାରୁତି କ୍ରିକେଟ କ୍ଲବ ପରିଚାଳନା କରୁଥିବା ବେଳେ ବିଧାୟକ ସହଯୋଗ କରୁଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବି କଲା ଓଏଏସ ସଂଘ
## ବିଡିଓଙ୍କୁ ୪ କି.ମି. ଚଲାଇବା ଘଟଣା


ଓଏଏସ୍ ଅଧିକାରୀମାନେ ସ୍ମାରକପତ୍ର ଦେଇ ଫେରୁଛନ୍ତି।

ଛତ୍ରପୁର,୨୫।୨(ଡି.ଏନ୍.ଏ.)

ପାତ୍ରପୁର ବିଡିଓ ପ୍ରକାଶ କୁମାର ଦାସଙ୍କୁ ତୁମ୍ବା ପଞ୍ଚାୟତ ଧାଡ଼ିଆମ୍ବ ଗ୍ରାମବାସୀ ୪ କି.ମି. ଚଲାଇବା ଘଟଣାକୁ ନେଇ ଓଏଏସ ସଂଘ ପକ୍ଷରୁ ତୀବ୍ର ପ୍ରକାଶ ପାଇଛି। ଏଭଳି ଘଟଣାକୁ ସଂଘ ନିନ୍ଦା କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛି । ଏ ନେଇ ଓଏଏସ ସଂଘର ଏକ ପ୍ରତିନିଧିଦଳ ଶୁକ୍ରବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଭୋଟର ଲିଷ୍ଟରେ ନାଁ ନ ଥିବାରୁ ଧାଡ଼ିଆମ୍ବ ଗ୍ରାମବାସୀ ବିଡିଓଙ୍କ ଗାଡିକୁ ଅଟକାଇବା ସହ ତାଙ୍କୁ ୪ କି.ମି. ପର୍ଯ୍ୟନ୍ତ ଚଲାଇ ନେଇଥିଲେ । ପରେ ପ୍ରଶାସନ ଓ ପୋଲିସ ଅଧିକାରୀ ବିଡିଓଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ମାରକପତ୍ର ପ୍ରଦାନ ବେଳେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ଓ ପ୍ରିୟ ରଞ୍ଜନ ପୃଷ୍ଟି , ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ପ୍ରକାଶ କୁମାର ମିଶ୍ର, ରାଜକିଶୋର ପଟ୍ଟନାୟକ, ସସ୍ମିତା ଶତପଥୀ, ମନୋରଞ୍ଜନ ସାହୁ, ନିତୀଶ ତ୍ରିପାଠୀ, ରାଜକିଶୋର ଜେନା ଓ ଦିଲୀପ କୁମାର ନାୟକ ପ୍ରମୁଖ ଓଏଏସ ଅଫିସର ଉପସ୍ଥିତ ଥିଲେ ।

# ଘରେ ପଶି ବୃଦ୍ଧାଙ୍କୁ ହତ୍ୟା, କାରଣ ଅସ୍ପଷ୍ଟ
## ପୋଲିସର ତଦନ୍ତ ଜାରି

ବ୍ରହ୍ମପୁର ଅଫିସ,୨୫।୨

ସଦର ଥାନା ଅନ୍ତର୍ଗତ ଅଳକାପୁରୀ ସପ୍ତମ ଲାଇନ୍‌ର ରହୁଥିବା ଜଣେ ବୃଦ୍ଧାଙ୍କ ଗଳାକାଟି ହତ୍ୟା କରାଯାଇଛି। ସେ ହେଲେ ସୁରଜା ବେହେରା (୬୦)। ସୁରଜାଙ୍କ ସ୍ୱାମୀ ବିଜୟ ଚରଣ ବେହେରା ବୁଧବାର ସାନ୍ଧ୍ୟ ଭ୍ରମଣରେ ଯାଇଥିବା ବେଳେ ରାତି ପ୍ରାୟ ୮ଟା ପୂର୍ବରୁ ଏହି ହତ୍ୟାକାଣ୍ଡ ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାତିସାରା ଜଗି ରହିଥିଲା। ଶୁକ୍ରବାର ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ ମଧ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ଘରେ କେବଳ ସୁରଜାଙ୍କ ମୋବାଇଲ ଫୋନ୍‌ଟି ନ ଥିବା ବେଳେ ଅନ୍ୟ ସମସ୍ତ ଜିନିଷ ସୁରକ୍ଷିତ ରହିଛି। ମୋବାଇଲ ଫୋନ୍ ଲୋକେଶନ ଲୋଚାପଡା ଦେଖାଉଛି। କିଏ ଓ କାହିଁକି ସୁରଜାଙ୍କୁ ହତ୍ୟା କଲା ତାହାର ତଦନ୍ତ ଚାଲିଛି। ପଞ୍ଚନାମା ପରେ ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ.୯୫/୨୨ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। କିଏ ଓ କାହିଁକି ସୁରଜାଙ୍କୁ ହତ୍ୟା କଲା ତାହା ସ୍ପଷ୍ଟ ହୋଇ ନାହିଁ। ଅଳକାପୁରୀ ସପ୍ତମ ଲାଇନରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବିଜୟ ବେହେରା ଓ ତାଙ୍କ ସ୍ତ୍ରୀ ସୁରଜା ରହୁଥିଲେ। ପୁଅ ରଶ୍ମିରଞ୍ଜନଙ୍କ ପ୍ରାୟ ୧ମାସ ତଳେ ବିବାହ ହୋଇଛି। ସେ ଭୁବନେଶ୍ୱରରେ ତାଙ୍କ ସ୍ତ୍ରୀଙ୍କ ସହିତ ରହୁଛନ୍ତି। ବିଜୟ ଗୁରୁବାର ସାନ୍ଧ୍ୟ ଭ୍ରମଣରେ ଯାଇ ରାତି ପ୍ରାୟ ୮ଟା ପରେ ସ୍ତ୍ରୀ ସୁରଜାଙ୍କୁ ଫୋନ୍ କରିଥିଲେ। ସେ ଫୋନ୍ ନ ଉଠାଇବାରୁ ଘରକୁ ଫେରିଥିଲେ। ଘରର ମୁଖ୍ୟ ଫାଟକରେ ତାଲା ପଡ଼ିଥିବା ଦେଖିଥିଲେ। ପଡ଼ୋଶୀଙ୍କୁ ଡାକି ତାଲା ଭାଙ୍ଗି ଭିତରକୁ ପଶିବାରେ ଖଟ ଉପରେ ସୁରଜାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖିଥିଲେ। ସୁରଜାଙ୍କ ବାମ ହାତ ଓ ବେକରେ କଟାଚିହ୍ନ ଦେଖି ତୁରନ୍ତ ପୋଲିସକୁ ଜଣାଇଥିଲେ। ସୁରଜାଙ୍କ ସମସ୍ତ ସୁନା ଗହଣା ଶରୀରରେ ରହିଛି।

### ବିଜେଡି-ଭାଜପା ମୁହାଁମୁହିଁ

ଭଞ୍ଜନଗର,୨୫।୨(ଡି.ଏନ୍.ଏ.)

ଭଞ୍ଜନଗର ବ୍ଲକ ବିଜେଡି ଓ ଭାଜପା କର୍ମୀ ମୁହାଁମୁହିଁ ହୋଇଛନ୍ତି। ବ୍ଲକରେ ଗତ ଗୁରୁବାର ଶାନ୍ତିପୂର୍ଣ୍ଣ ମତଦାନ ହୋଇଥିଲା। ହେଲେ ଅଗଖୋଲରେ ଗୁରୁବାର ହୋଇଥିବା ବିବାଦକୁ ନେଇ ବିଜେଡ଼ି ଓ ଭାଜପା ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ଭାଜପା ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲିକଙ୍କ ନେତୃତ୍ୱରେ ଶୁକ୍ରବାର ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହାପରେ ସେକ୍ସନ ଅଫିସର ଅନିଲ ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭାଜପା ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀ ଅଯୋଧ୍ୟା ନାଥ ମହାପାତ୍ର ଏବଂ ଜିଲା ପରିଷଦ ପ୍ରାର୍ଥୀ ରବିନ୍ଦ୍ର ଗୌଡ଼ଙ୍କ ସମେତ ଆଉ କିଛି ଭାଜପା ନେତାଙ୍କୁ ଆକ୍ରମଣ ହୋଇଛି । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯାଉ। ଏଥିସହ ଉକ୍ତ ବୁଥ୍‌ରେ ସାନି ମତଦାନ କରିବା ପାଇଁ ଗୋକୁଳାନନ୍ଦ ଦାବି କରିଛନ୍ତି। ଅପରପକ୍ଷେ ବିଜେଡ଼ି ଏଜେଣ୍ଟ ହୃଷୀକେଶ ସେଠୀ ମଧ ତାଙ୍କୁ ଭାଜପା ନେତାମାନେ ଆକ୍ରମଣ କରିଥିବା ନେଇ ଭଞ୍ଜନଗର ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି । ସନ୍ଧ୍ୟାରେ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗାମୀ ଦିନରେ ଭଞ୍ଜନଗର ବନ୍ଦ ଡାକରା ଦିଆଯିବ ବୋଲି ଏମ୍‌ପି ପ୍ରତିନିଧି ଦିବାକର ନାୟକ କହିଛନ୍ତି । ପୋଲିସ ଉଭୟ ପକ୍ଷର ଏତଲା ପ୍ରକାରେ ୨ଟି ମାମଲା ରୁଜୁକରି ତଦନ୍ତ ଚଳାଇଛି ।

# ସଂସ୍କାରବାଦୀ ସଙ୍ଗଠନର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୨୫।୨

ସଂସ୍କାରବାଦୀ ଅନୁଷ୍ଠାନ ପକ୍ଷରୁ ୫ ଦଫା ଦାବି ନେଇ ଶୁକ୍ରବାର ବ୍ରହ୍ମପୁର ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବି ମଧ୍ୟରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ନିକଟରେ ଜ୍ୟୋର୍ତିବିଦ ବାଇକୋଳି ମହାପାତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଉତ୍କଳ ସିନେମା ହଲ ଛକରେ ଜ୍ୟୋର୍ତିବିଦ ପଣ୍ଡିତ ତ୍ରିନାଥ ମିଶ୍ରଙ୍କ ପ୍ରତିମୂର୍ତ୍ତି, ବିଶ୍ୱନାଥ ଦାଶ ଓ ବୃନ୍ଦାବନ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସକାଶେ ସିଡି ବ୍ୟବସ୍ଥା, ପ୍ରେମନଗର ମୁଖ୍ୟ ରାସ୍ତାର ୪ର୍ଥ ଗଳିରେ ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ସୁରକ୍ଷା ସହ ମହାନ ସ୍ୱାଧୀନତା ସଂଗ୍ରାମୀ ମାଷ୍ଟର ସାନେୟାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଗାନ୍ଧୀନଗର ୪ର୍ଥ ଲେନଠାରୁ ୧୦ମ ଲେନ ମୁଖ୍ୟ ରାସ୍ତା ମରାମତି ଆଦି ଦାବି ରହିଛି। ସଂଘ ପକ୍ଷରୁ ବିଏମସି ଅତିରିକ୍ତ କମିଶନର ଆଶୁତୋଷ ସାମଲଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ଉପସଭାପତି ପ୍ରମୋଦ କୁମାର ସାହୁ, ମୋହନ ଚରଣ ସ୍ୱାଇଁ, ବିଶ୍ୱନାଥ ବେହେରା, ସମ୍ପାଦକ ଲଳିତ ମୋହନ ସାହୁ, ସମୀର କୁମାର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, ପରିକ୍ଷିତ ବେହେରା, ନୀଳାମ୍ବର ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ହାଇସ୍କୁଲସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ସଂକଳ୍ପ ସ୍କୁଲ ଚାମ୍ପିୟନ


ବିଜୟୀ ଟିମ ସହ ଅତିଥି।

ବ୍ରହ୍ମପୁର ଅଫିସ,୨୫।୨

ବ୍ରହ୍ମପୁର ସବଡିଭିଜନାଲ ଅଲିମ୍ପିକ ଆସୋସିଏଶନ ପକ୍ଷରୁ ଏମ୍‌କେସିଜି ମେଡ଼ିକାଲ ଖେଳପଡ଼ିଆଠାରେ ଚାଲିଥିବା ହାଇସ୍କୁଲସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସଂକଳ୍ପ ସ୍କୁଲ ଟିମ୍ ଓ ସେଣ୍ଟ ଜାଭିୟର ସ୍କୁଲ ଟିମ୍ ମଧ୍ୟରେ ହୋଇଥିଲା। ଟସ ଜିତି ସଂକଳ୍ପ ସ୍କୁଲ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୯ ଓଭରରେ ୬ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ସେଣ୍ଟ ଜାଭିୟର ସ୍କୁଲ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୬ ରନ କରି ପରାଜିତ ହୋଇଛି। ସଂକଳ୍ପ ସ୍କୁଲ ଟିମ୍ ଚାମ୍ପିୟନ ହୋଇଛି। ସଂକଳ୍ପ ସ୍କୁଲ ଟିମର ସୋୟମ ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସବଡ଼ିଭିଜନାଲ ଅଲିମ୍ପିକ ଆସୋସିଏଶନର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀ, ଉପସଭାପତି ପ୍ରକାଶ ପଣ୍ଡା, ସଚ୍ଚିନ୍ଦ୍ର ମାଝି, ଯୁଗ୍ମ ସମ୍ପାଦକ ସଚ୍ଚିନ୍ଦ୍ର କୁମାର ସାହୁ, କ୍ରିକେଟ ସେକ୍ରେଟାରୀ ପ୍ରମୋଦ କୁମାର ସାହୁ କୋଷାଧ୍ୟକ୍ଷ ବିଜୟ ଅଧିକାରୀ, ସାଙ୍ଗଠନିକ ସମ୍ପାଦକ ମହମ୍ମଦ ଫାଇଜ ଖାନ, କାର୍ଯ୍ୟକାରୀ ସଦସ୍ୟ ଅଶୋକ ନିମେଇ, ଡ଼ି.ଆପ୍ପା ରାଓ, ବିଷ୍ଣୁ ପ୍ରସାଦ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଓ ରନର୍ସ ଅପ ଟିମକୁ ପୁରସ୍କୃତ କରିଥିଲେ।

### ଝୁଲନ୍ତା ମୃତଦେହ ଜବତ

ଆସିକା,୨୫।୨(ଡି.ଏନ.ଏ)

ଆସିକା-କବିସୂର୍ଯ୍ୟନଗର ମୁଖ୍ୟରାସ୍ତାର ବାଘୁଆ ଶଙ୍ଖ ନିକଟରେ ଏକ ଗଛରୁ ଜଣେ ବୟସ୍କ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ଘଟଣା ସମ୍ପର୍କରେ ଖାରିଆ ସରପଞ୍ଚ ଅରବିନ୍ଦ ଲେଙ୍କା ଏତଲା କ୍ରମେ ସ୍ଥାନୀୟ ପୋଲିସ ନଂ. ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହକୁ ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଥିବା ବେଳେ ମୃତକଙ୍କ ପରିଚୟ ମିଳିନଥିବା ଜଣାଯାଇଛି।

### ଷ୍ଟ୍ରଙ୍ଗ ରୁମ୍ ଜଗିଛନ୍ତି ପ୍ରାର୍ଥୀଙ୍କ ସମର୍ଥକ

ଆସିକା,୨୫।୨(ଡି.ଏନ.ଏ)

ଆସିକା ବ୍ଲକର ୨୭ ପଞ୍ଚାୟତ ଓ ୪ଟି ଜିଲାପରିଷଦ ଜୋନ ଲାଗି ଗୁରୁବାର ମତଦାନ ହୋଇଥିଲା। ଗୁରୁବାର ରାତିରେ ଭୋଟବାକ୍ସ ସବୁ ସଶସ୍ତ୍ର ପୋଲିସ ସୁରକ୍ଷା ମଧ୍ୟରେ ଅଣାଯାଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି। ଷ୍ଟ୍ରଙ୍ଗରୁମକୁ ସିସିଟିଭି ସଂଯୋଗ କରାଯାଇଥିଲା ବେଳେ ସର୍ବସାଧାରଣଙ୍କ ଦୃଷ୍ଟିକୁ ଆସିବା ଲାଗି ଅଫିସ ପରିସରରେ ଗୋଟିଏ ବଡସ୍କ୍ରିନ ଟିଭିର ବନ୍ଦୋବସ୍ତ କରାଯାଇଛି। ତେବେ ଗୁରୁବାର ରାତିରୁ ଟିଭି ସ୍କ୍ରିନ ସମ୍ମୁଖରେ କେତେକ ପ୍ରାର୍ଥୀଙ୍କ ସମର୍ଥକ ପାଳିକରି ଜଗିବସିଥିବା ଲକ୍ଷ୍ୟ କରାଯାଇଛି। ଏ ସମ୍ପର୍କରେ ଜଣେ ସମର୍ଥକଙ୍କୁ ପଚାରିବାରୁ କାଳେ ଭୋଟବାକ୍ସ ଏପଟ ସେପଟ ହୋଇଯିବ ଆଶଙ୍କା କରି ଆମେ ଏଠାରେ ଜଗିଛୁ ବୋଲି ପ୍ରକାଶ କରିଛନ୍ତି।

### କାଶୀନଗର ବ୍ଲକ ଅଧକ୍ଷା ପଦ
### ବିଜେଡି-ଭାଜପା ପ୍ରତିଦ୍ୱନ୍ଦ୍ୱିତା

କାଶୀନଗର,୨୫।୨:କାଶୀନଗର ବ୍ଲକର ଅଧକ୍ଷ ପଦବୀ ମହିଳାଙ୍କ ନିମନ୍ତେ ସଂରକ୍ଷିତ। ୧୧ ପଞ୍ଚାୟତରେ ସମିତିସଭ୍ୟ ନିମନ୍ତେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ବ୍ଲକର ସିଧାମଡ଼ଙ୍ଗ ପଞ୍ଚାୟତର ସମିତିସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ। ଅନ୍ୟ ୧୧ଟିର ଗଣତି ଶନିବାର ସରିବ। କାଶୀନଗର ଭୋଟ ଗଣତି କେନ୍ଦ୍ର ଶ୍ରୀରାମ ଜୁନିୟର କଲେଜ ଷ୍ଟ୍ରଙ୍ଗ୍ ରୁମରେ ବ୍ୟାପକ ପୋଲିସ ମୁତୟନ କରାଯାଇ ସୁରକ୍ଷିତ ଭାବେ ରଖାଯାଇଛି। ଦଳିୟ ନେତାମାନେ ଷ୍ଟ୍ରଙ୍ଗରୁମକୁ ତୀକ୍ଷ୍ଣ ନଜର ରଖିଛନ୍ତି। ପଞ୍ଚାୟତ ନିର୍ବାଚନ ଫଳାଫଳ ନ ସୁରୁଣୁ ଏନଏସି ନିର୍ବାଚନ ତାରିଖ ଘୋଷଣା ନେଇ ବର୍ତ୍ତମାନ ନେତାଙ୍କ ମନ ପୌର ନିର୍ବାଚନ ମାର୍ଚ୍ଚ ୨୪ ଆଡ଼କୁ ଗଲାଣି। ଶୁକ୍ରବାରରୁ କାଶୀନଗର ଏନ୍‌ଏସିର ପୌରାଧକ୍ଷ, କାଉନସିଲର ପାଇଁ ଟିକେଟ ଦୌଡ଼ରେ ମନ ନିବେଶ କରିଥିବା ଜଣାପଡ଼ିଛି।

### ୨୧୫ ୟୁନିଟ ରକ୍ତ ସଂଗ୍ରହ

ବ୍ରହ୍ମପୁର ଅଫିସ,୨୫।୨

ଶୀତଳାପଲ୍ଲୀ ପାରଳା ମହାରାଜ ଯାନ୍ତ୍ରିକ ମହାବିଦ୍ୟାଳୟ (ପିଏମଇସି) ଏନଏସଏସ ଶାଖା ପକ୍ଷରୁ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ରଞ୍ଜନ କୁମାର ସ୍ୱାଇଁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମହାବିଦ୍ୟାଳୟର ଅଧିକାଂଶ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଯୋଗ ଦେଇ ରକ୍ତଦାନ କରିଥିଲେ। ମୋଟ ୨୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ମହାବିଦ୍ୟାଳୟ ଏନଏସଏସ ସଂଯୋଜକ ଡ. ଚିତ୍ତରଞ୍ଜନ ମହାନ୍ତି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପ୍ରଫେସର ଚିତ୍ତ ରଞ୍ଜନ ମହାନ୍ତି, ଡ.ତାପସ ପାଣିଗ୍ରାହୀ, ଡ.ପୁଷ୍ପାଞ୍ଜଳୀ ମିଶ୍ର, ଡ.ଜ୍ଞାନ ରଞ୍ଜନ ମହାନ୍ତି, ପ୍ରଭାତ ରଞ୍ଜନ ମହାନ୍ତି, ଡ.ଦେବାଶିଷ ମହାପାତ୍ର, ଡ.ତ୍ରିଲୋଚନ ରାଉତ, ଇଂ.ଆଦିତ୍ୟ ପାତ୍ର ଓ ଡ.ଶତ୍ରୁଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜୋର ଧରିଲା ହାଇକୋର୍ଟ ବେଞ୍ଚ ଆନ୍ଦୋଳନ
## ସ୍ଥାୟୀ ବେଞ୍ଚ ଏକମାତ୍ର ବିକଳ୍ପ : ଓକିଲ ସଂଘ

ବ୍ରହ୍ମପୁର ଅଫିସ,୨୫।୧

ବ୍ରହ୍ମପୁରରେ ଓଡିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗଞ୍ଜାମ ଓକିଲ ସଂଘର ୪ ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ଆରମ୍ଭ ହୋଇଛି। ପୂର୍ବାହ୍ନରେ ଶତାଧିକ ଆଇନଜୀବୀ ସଂଘ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସମ୍ପାଦକ ପ୍ରଦୀପ କୁମାର ବେହେରା, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ରଙ୍କ ସମେତ ଗଞ୍ଜାମ ଓକିଲ ସଂଘର ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ପ୍ରଫୁଲ ଗୌଡ଼, ମୋହନ ସିଙ୍ଗାରି, କପିଳେଶ୍ୱର ପଟ୍ଟନାୟକ, ସୁଶୀଲ ତ୍ରିପାଠୀ, ସତ୍ୟ ମହାରଣା, ଲାଲବାହାଦୁର ପଟ୍ଟନାୟକ, ପ୍ରଦୀପ ପଣ୍ଡା, ପ୍ରଦୀପ ଶତପଥୀ, ବରୁଣ ଗୌଡ଼, ଅକ୍ଷୟ ପଟ୍ଟନାୟକ, ନୟନ ମହାପାତ୍ର, ରଘୁନାଥ ପାଣିଗ୍ରାହୀ, ପିତବାସ ପଣ୍ଡା, ସୁଧୀର ମିଶ୍ର, ମନୋଜ ପଟ୍ଟନାୟକ, ସଞ୍ଜୟ ମିଶ୍ର, ରାମକୃଷ୍ଣ ମହାରଣା, ପ୍ରଦୀପ ମହାପାତ୍ର, ପ୍ରମୋଦ ପଣ୍ଡା, କୃଷ୍ଣ ପଣ୍ଡା, ଜୁବୁଲି ଆଚାର୍ଯ୍ୟ, ପର୍ଶୁରାମ ବେହେରା, ଅରବିନ୍ଦ ପଟ୍ଟନାୟକ, ସୂର୍ଯ୍ୟ ମହାପାତ୍ର, ଜ୍ୟୋତି ଛୋଟରାୟ ଓ ପ୍ରତାପ ପଣ୍ଡା ପ୍ରମୁଖ ଯୋଗଦେଇ ଦାବି ସମ୍ପର୍କରେ ଆଲୋଚନା କରିଥିଲେ।



ଆନ୍ଦୋଳନରତ ଆଇନଜୀବୀମାନେ।

ଗତ ୩ ଦଶନ୍ଧି ପୂର୍ବରୁ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ହେଉଥିଲେ ମଧ ସରକାର ଏହାକୁ ଉପେକ୍ଷା କରି ଚାଲିଛନ୍ତି। ୨୦୦୮ରେ ହାଇକେର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ ତୀବ୍ରତର ହୋଇଥିଲା। ସଂଘର ସଭାପତି ସୁବୁଦ୍ଧି କହିଛନ୍ତି ଯେ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସ୍ଥାନ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଅପରିହାର୍ଯ୍ୟ। ଏଥିପାଇଁ ଗଞ୍ଜାମ ଓକିଲ ସଂଘ ଓ ଜିଲା କୋର୍ଟ ପରିସରରେ ସମସ୍ତ ଭିତ୍ତିଭୂମି ରହିଛି। ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଏକମାତ୍ର ବିକଳ୍ପ । ତେଣୁ ରାଜ୍ୟ ସରକାର ଅବହେଳା ନ କରି ତୁରନ୍ତ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରିଛନ୍ତି।

# ପ୍ରାର୍ଥୀ ଚୟନ ପାଇଁ ପର୍ଯ୍ୟବେକ୍ଷକ ଆସିବେ ଆଜି
## ବିଏମସିର ଦାୟିତ୍ୱ ନେବେ ବିଧାୟକ

ବ୍ରହ୍ମପୁର ଅଫିସ,୨୫।୨

ପୌର ନିର୍ବାଚନ ବିଗୁଲ ବାଜିଛି ଏବଂ ନିର୍ବାଚନ କମିଶନରଙ୍କ ପକ୍ଷରୁ ତାରିଖ ଘୋଷଣା ହୋଇଛି। ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଗଠନର ୧୪ ବର୍ଷ ପରେ ମେୟର ପଦ ନିମନ୍ତେ ପ୍ରତ୍ୟକ୍ଷ ନିର୍ବାଚନ ହେବାର ନିଷ୍ପତ୍ତି ନିଆଯାଇଛି। ତାହା ପୁଣି ମହିଳାଙ୍କ ଲାଗି ସଂରକ୍ଷିତ ରହିଛି। ବିଜେଡି, ଭାଜପା ଓ କଂଗ୍ରେସରୁ କେଉଁମାନେ ପ୍ରାର୍ଥୀ ହେବେ ସେନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି। ମୁଖ୍ୟତଃ ଶାସକ ବିଜେଡିରୁ ମେୟର ପ୍ରାର୍ଥୀ ହେବାକୁ ଆଶାୟୀ ମହିଳାଙ୍କ ତାଲିକା ଲମ୍ବିବାରେ ଲାଗିଛି। ବିରୋଧୀ ଭାଜପା ଓ କଂଗ୍ରେସ ପକ୍ଷରୁ କେଉଁମାନେ ନିର୍ବାଚନ ଲଢ଼ିବେ ତାହା ଆଲୋଚନା ପରିସରକୁ ଆସିଛି। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସୂଚନାନୁସାରେ, ବିଏମସିର ପ୍ରାର୍ଥୀ ମନୋନୀତ ଦାୟିତ୍ୱ ବିଧାୟକଙ୍କୁ ନ୍ୟସ୍ତ କରାଯାଇଛି।

ଅପରପକ୍ଷରେ ସର୍ବ ପୁରାତନ ବ୍ରହ୍ମପୁର ପୌର ସଂସ୍ଥାରେ ୩ ଦଶନ୍ଧି ପରେ ନିର୍ବାଚିତ ମୁଖ୍ୟ ପଦ ନିମନ୍ତେ ସିଧାସଳଖ ନିର୍ବାଚନ ହେବ। ୧୯୯୨ ବିଜୁ ପଟ୍ଟନାୟକଙ୍କ ଜନତା ଦଳ ଶାସନରେ ପ୍ରଥମେ ନଗରପାଳ ପଦ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହୋଇଥିଲା। କଂଗ୍ରେସରୁ ଚନ୍ଦ୍ରଶେଖର ସାହୁ ଏବଂ ଜନତା ଦଳରୁ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୫ ହଜାର ଭୋଟ ବ୍ୟବଧାନରେ ଚନ୍ଦ୍ରଶେଖର ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ୧୯୯୭ ନିର୍ବାଚନ ବେଳେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କଂଗ୍ରେସ ଶାସନରେ ପୌରସଂସ୍ଥା ନଗରପାଳ ପାଇଁ ପୂର୍ବଭଳି ପରୋକ୍ଷ ନିର୍ବାଚନ କରାଗଲା। ୧୯୯୨ରେ ଜିଲାର ଅନ୍ୟ ୧୬ ଏନଏସିରେ ମଧ ନଗରପାଳ ନିମନ୍ତେ ପ୍ରତ୍ୟକ୍ଷ ନିର୍ବାଚନ ହୋଇଥିଲା।

ବିଏମସି ମେୟର ପଦ ନିମନ୍ତେ ବିଜେଡିରୁ ପ୍ରାର୍ଥୀ ହେବାକୁ ମହିଳାଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଆଶାୟୀଙ୍କ ମଧ୍ୟରେ ଅନେକ ଉଚ୍ଚଶିକ୍ଷିତା ଏବଂ ରାଜନୀତିରେ ଦକ୍ଷତା ରହିଛି। ତେବେ କାହାକୁ କରାଯିବ ସେନେଇ ବିଭିନ୍ନ ଖଟିରେ ଚର୍ଚ୍ଚା ହେଉଛି। ଶୁକ୍ରବାର ଆଲୋଚନା ପ୍ରସଙ୍ଗରେ ଜିଲା ବିଜେଡି ସଭାପତି ଚ୍ୟାଉ ପଟ୍ଟନାୟକଙ୍କ କହିଛନ୍ତି, ମହାନଗରର ୪୨ଟି ୱାର୍ଡ କର୍ପୋରେଟର ଏବଂ ମେୟର ପ୍ରାର୍ଥୀ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବେ। ଏ କ୍ଷେତ୍ରରେ ଜିଲା ବିଜେଡି ସଂଗଠନର ଭୂମିକା ନ ରହିବାର ସେ ସ୍ପଷ୍ଟ କରିଛନ୍ତି। ରବିବାର ବିଜେଡି ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଆସିବେ ଏବଂ ବିଧାୟକ, ଏମପି ଓ ଅନ୍ୟ ମନ୍ତ୍ରୀଙ୍କ ସହିତ ପ୍ରାର୍ଥୀ ଚୟନ ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିବା ସେ ସୂଚାଇଛନ୍ତି।

